# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 June – 2024**

## ନୂଆ ମୁଖ୍ୟମନ୍ତ୍ରୀ-ମୋହନ ମାଝୀ

ବିଜେପି ବିଧାୟକ ଦଳ ନେତାଭାବେ ନିର୍ବାଚିତ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ରାଜ୍ୟର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଭୁବନେଶ୍ୱର ଜନତା ମଇଦାନରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ତାଙ୍କସହ ୨ଜଣ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ା ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥଗ୍ରହଣ କରିବେ । ରାଜ୍ୟପାଳ ରଘୁବର ଦାସ ଶପଥପାଠ କରାଇବେ । ଆଜିର ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ସେହିଭଳି କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୬ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି ।

ଶ୍ରୀ ମାଝି ଗତକାଲି ବିଜେପି ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । ସମର୍ଥନ ପତ୍ର ପ୍ରାପ୍ତ ହେବାପରେ ରାଜ୍ୟପାଳ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଥିବା ଜଣାପଡିଛି ।

# ରାଜ୍ୟ ସରକାରୀ ଛୁଟି ବାତିଲ

ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଛୁଟି ନନେବାକୁ ପରାମର୍ଶ ଦିଆଯାଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କୁ ପତ୍ରଲେଖି ସୂଚନା ଦିଆଯାଇଛି । ପତ୍ରରେ ଲେଖାଯାଇଛି, ନୂଆ ସରକାର ଗଠନ ହେଉଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଚାଲିବ । ଏହାକୁ ଦୃଷ୍ଟିରେ ରଖି ଛୁଟି ନନେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏଥିସହ ଅଧିକାରୀମାନଙ୍କୁ ମୁଖ୍ୟାଳୟ ନଛାଡିବାକୁ କୁହାଯାଇଛି ।

# ନାମଲେଖା-ୟୁଜିସି ଅନୁମତି ପ୍ରଦାନ

ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକୁ ବର୍ଷକୁ ୨ଥର ନାମଲେଖା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୟୁଜିସି ଅନୁମତି ପ୍ରଦାନ କରିଛି । ୨୦୨୪-୨୫ ଶିକ୍ଷାବର୍ଷଠାରୁ ଏହା ଲାଗୁ ହେବ । ଏ ସମ୍ପର୍କରେ ୟୁଜିସି ମୁଖ୍ୟ ଜଗଦେଶ କୁମାର କହିଛନ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକ ଭଳି ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ବର୍ଷକୁ ୨ଥର ନାମଲେଖା ହେଲେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଜୁଲାଇ-ଅଗଷ୍ଟ ଏବଂ ଜାନୁଆରୀ-ଫେବୃୟାରୀରେ ନାମଲେଖା ପ୍ରକ୍ରିୟା କରାଯାଇପାରିବ । ଏହାଦ୍ୱାରା ନାମଲେଖାରୁ ବଞ୍ଚିତ ହେଉଥିବା ଛାତ୍ରଛାତ୍ରୀଙ୍କୁ ଆଉ ଏକବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ ବୋଲି ଶ୍ରୀ କୁମାର କହିଛନ୍ତି ।

# ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସହର ଉତ୍ସବମୁଖର ହୋଇଉଠିଛି । ଗତକାଲି ବିଳମ୍ବିତ ରାତିରେ ଦେବଦମ୍ପତ୍ତି ସୁସଜ୍ଜିତ ରଥରେ ବିଜେକରି ନଗର ପରିକ୍ରମା କରୁଛନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ସାମାନ୍ୟ ବିଶ୍ରାମ ପରେ ଶିବପାର୍ବତୀ ପୁଣି ନଗର ପରିକ୍ରମାରେ ବାହାରିବେ । ନନ୍ଦପଡାର ବାଲୁଙ୍କେଶ୍ୱର ବାବା, ମୋଦୀପଡାର ଜାଗେଶ୍ୱର ବାବା, ଝାଡୁଆପଦାର ଲୋକନାଥ ବାବାଙ୍କର ନଗର ପରିକ୍ରମାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି । ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ସହରରେ ୬୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ସେହିପରି ଭଦ୍ରକର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶିବ-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ମକ୍‌ଡ୍ରିଲ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଏବଂ

ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ ଜିଲ୍ଲାର ସମସ୍ତ ବ୍ଲକ, ସଦର ମହକୁମା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ଆସନ୍ତା ୧୯ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତଥା ଉଦ୍ଧାର ଓ ରିଲିଫ କାର୍ଯ୍ୟର ସୁ-ପରିଚାଳନା ନେଇ ମକ୍‌ଡ୍ରିଲ ହେବ ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରଥଯାତ୍ରା ସମୟରେ ଦେବସ୍ନାନ ପୂର୍ଣ୍ଣିମାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଠାକୁରମାନଙ୍କ ନୀତିକାନ୍ତି ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାସହ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ସନ୍ତରଣ ପ୍ରତିଯୋଗିତା

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦ୍ୱିତୀୟ ଓଡ଼ିଶା ଜାତୀୟ ର୍‍ୟାକିଙ୍ଗ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶାର ସନ୍ତରଣକାରୀମାନେ ମୋଟ୍ ୬ଟି ପଦକ ବିଜୟୀ ହୋଇଛନ୍ତି । ଏଥିରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି ।

## ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଓ ଗୁଳଗୁଳି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ନୂଆପଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଦଶମିକ ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିଭଳି ମାଲକାନଗିରି ୪୩ ଦଶମିକ ୫, ବୌଦ୍ଧ ୪୩ ଦଶମିକ ୨ ଏବଂ ଝାରସୁଗୁଡାରେ ତାପମାତ୍ରା ୪୨ ଦଶମିକ ୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆଜିପାଇଁ ବଲାଙ୍ଗୀର, ସମ୍ବଲପୁର, ନୂଆପଡା, କନ୍ଧମାଳ, ବରଗଡ, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।